# NATIONAL NEWS BULLETIN (ODIA)

## 15 April - 2026

## Mid Bulletin : 1.50 p.m.

---

# ମୁଖ୍ୟ ସମ୍ବାଦ

- ଲୋକସଭାରେ ଆଜି ଆଗତ ହେଲା ନାରୀଶକ୍ତି ବନ୍ଦନ ଅଧିନିୟମ ସମ୍ପର୍କିତ ୩ଟି ଗୁରୁତ୍ୱପୂର୍ଣ୍ଣ ବିଲ୍ ।

- ଭାରତ-ଅଷ୍ଟ୍ରିଆ ମଧ୍ୟରେ ଦ୍ୱିପାକ୍ଷିକ ସହଯୋଗ ଏବଂ ବାଣିଜ୍ୟ କାରବାର ବୃଦ୍ଧି ନେଇ ନୂଆଦିଲ୍ଲୀରେ ଆଲୋଚନା ।

- ଓଡ଼ିଶା ସମେତ ଦେଶର ଅନ୍ୟକେତେକ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଆଜିଠାରୁ ଆରମ୍ଭ ହେଲା ଜନଗଣନା ୨୦୨୭ର ଦ୍ୱିତୀୟ ପର୍ଯ୍ୟାୟ ।

- ଆନ୍ଧ୍ରପ୍ରଦେଶ କୁର୍ଣ୍ଣୁଲ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୮ ମୃତ ଓ ୧୦ ଆହତ ।

ଏବଂ

- ଆଇପିଏଲ୍ କ୍ରିକେଟରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟରେ ହେବ ମ୍ୟାଚ୍ ।

# ଏଲ୍ଏସ୍-ଓ୍ୱେମେନ ରିଜର୍ଭେସନ

ସଂସଦର ବର୍ଦ୍ଧିତ ବଜେଟ୍ ଅଧିବେଶନର ତିନିଦିନିଆ ସ୍ୱତନ୍ତ୍ର ବୈଠକ ଆଜିଠାରୁ ଆରମ୍ଭ ହୋଇଛି । ଲୋକସଭାରେ କେନ୍ଦ୍ର ଆଇନ୍‌ମନ୍ତ୍ରୀ ଅର୍ଜୁନ ମେଘୱାଲ ସମ୍ବିଧାନ ୧୩୧ ସଂଶୋଧନ ବିଲ୍ ୨୦୨୬ ଏବଂ ସୀମା ନିର୍ଦ୍ଧାରଣ ବିଲ୍ ୨୦୨୬ ଆଜି ଲୋକସଭାରେ ଆଗତ କରିଛନ୍ତି । ସେହିପରି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କେନ୍ଦ୍ରଶାସିତ ଅଞ୍ଚଳ ନିୟମ ସଂଶୋଧନ ବିଲ୍ ୨୦୨୬ ଆଗତ କରିଛନ୍ତି । ବିଲ୍ ଆଗତ କରି ଆଇନ୍‌ମନ୍ତ୍ରୀ ଶ୍ରୀ ମେଘୱାଲ ଆଜିର ଦିନକୁ ଏକ ଐତିହାସିକ ଦିନ ଭାବେ ଅଭିହିତ କରି କହିଛନ୍ତି ସରକାର ମହିଳାମାନଙ୍କୁ ରାଜନୀତିକ ନ୍ୟାୟ ପ୍ରଦାନ କରିବା ଲାଗି କାର୍ଯ୍ୟ କରୁଛନ୍ତି । ସେ କହିଛନ୍ତି ସମ୍ବିଧାନ ୧୩୧ ସଂଶୋଧନ ବିଲ୍ ୨୦୨୬ ମହିଳାମାନଙ୍କ କ୍ଷେତ୍ରରେ ସମାନତା ସମାନତା ସୁନିଶ୍ଚିତ କରିବ । ଡକ୍ଟର ବି.ଆର୍. ଆମ୍ବେଦକରଙ୍କ ମତ ଉପରେ ଶ୍ରୀ ମେଘୱାଲ ଗୁରୁତ୍ୱାରୋପ କରି କହିଛନ୍ତି ମହିଳାମାନଙ୍କ ବିକାଶ’ ଗୋଟିଏ ସମ୍ପ୍ରଦାୟର ବିକାଶର ପରିମାପକ ହୋଇଥାଏ । ସେ କହିଛନ୍ତି ମହିଳାମାନଙ୍କ ପାଇଁ ୩୩ ପ୍ରତିଶତ ସଂରକ୍ଷଣ ବ୍ୟବସ୍ଥା ଆଜିର ସମୟର ଆବଶ୍ୟକତା । ଶ୍ରୀ ମେଘୱାଲ କହିଛନ୍ତି ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ମହିଳାମାନଙ୍କ ଅର୍ଥନୈତିକ ଏବଂ ସାମାଜିକ ବିକାଶ ନିମନ୍ତେ ଅନେକ ଯୋଜନା ହାତକୁ ନେଇଛନ୍ତି । ସରକାରଙ୍କ ଦ୍ୱାରା ମହିଳାମାନଙ୍କ ଲାଗି କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡ଼ିକ ହେଲା ମୁଦ୍ରା ଯୋଜନା, ଲକ୍ଷପତି ଦିଦି, ସୁକନ୍ୟା ସମୃଦ୍ଧି ଯୋଜନା ଅନ୍ୟତମ । ଗୃହରେ ଆଜି

ପରଲୋକଗତ ସଦସ୍ୟ ଆବୁ ହାସେମ ଖାନ୍ ଚୌଧୁରୀ, ମୋସିନା କିଦୱାଇ, ହରି ନାରାୟଣ ରାଜଭରଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯିବା ସହ ନୀରବ ପ୍ରାର୍ଥନା କରାଯାଇଥିଲା ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ସଂସଦର ଆଜି ସ୍ୱତନ୍ତ୍ର ଅଧିବେଶନ ଆରମ୍ଭ ହେବା ସହ ଦେଶ ପାଇଁ ମହିଳାଙ୍କ ସଶକ୍ତିକରଣ ଦିଗରେ ଏକ ଐତିହାସିକ ପଦକ୍ଷେପ ଗ୍ରହଣ କରାଯିବ । ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟକୁ ସେୟାର କରି ମୋଦୀ କହିଛନ୍ତି ଦେଶର ମା' ଏବଂ ଭଉଣୀମାନଙ୍କ ପାଇଁ ସମ୍ମାନ ହେଉଛି ଜାତି ତଥା ଦେଶର ସମ୍ମାନ ।

## ନାରୀ ଶକ୍ତି ବନ୍ଦନ

ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ପକ୍ଷରୁ ଆସନ୍ତା କାଲି ଓ ଶନିବାର ଦେଶବ୍ୟାପି ନାରୀ ଶକ୍ତି ବନ୍ଦନ ଦୌଡ଼ ଆୟୋଜନ କରାଯିବ । ବିକଶିତ ଭାରତ ଦୃଷ୍ଟିକୋଣ ଅନୁଯାୟୀ ମହିଳା ନେତୃତ୍ୱ ବିକାଶକୁ ପ୍ରୋତ୍ସାହିତ କରିବା ଏବଂ ନାଗରିକଙ୍କ ଅଂଶଗ୍ରହଣ ପ୍ରକ୍ରିୟାକୁ ଅଧିକ ସଶକ୍ତ କରିବା ଉଦ୍ଦେଶ୍ୟରେ ନିଆଯାଉଥିବା ବିଭିନ୍ନ ପଦକ୍ଷେପର ଏହା ଅଂଶସ୍ୱରୂପ ବୋଲି ମନ୍ତ୍ରଣାଳୟ କହିଛି । ମିଳିଥିବା ସୂଚନା ଅନୁଯାୟୀ ନାରୀ ଶକ୍ତି ବନ୍ଦନ ବାର୍ତ୍ତା ବହନ କରି ଏହି ଦୌଡ଼ ଆସନ୍ତାକାଲି ପାଟନା ଓ ଜୟପୁରରେ ଅନୁଷ୍ଠିତ ହେବା ପରେ ଶନିବାର ଦିନ ଦିଲ୍ଲୀ, କଟକ, ମୁମ୍ବାଇ, ଇନ୍ଦୋର ଓ ବେଙ୍ଗାଲୁରୁ ଠାରେ ଆୟୋଜିତ ହେବ । ସମାଜର ଶିକ୍ଷାର୍ଥି, ଉଦ୍ୟୋଗୀ, କ୍ରୀଡ଼ାବିତ୍ ଓ ବିଭିନ୍ନ ପେସାଦାର ତଥା ଭିନ୍ନ ଭିନ୍ନ କ୍ଷେତ୍ରରୁ ମହିଳାମାନଙ୍କର ଏଥିରେ ବୃହତ ଆକାରରେ ଅଂଶ ଗ୍ରହଣ କରିବା ଦିଗରେ ଏହି ଦୌଡ଼ ଏକ ପଦକ୍ଷେପ ବୋଲି ମନ୍ତ୍ରଣାଳୟ କହିଛି ।

# ପିଏମ୍-ଅଷ୍ଟ୍ରିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଅଷ୍ଟ୍ରିଆର ଚାନ୍ସଲର ଡକ୍ଟର ଖ୍ରୀଷ୍ଟିଆନ ଷ୍ଟୋକରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ସେମାନଙ୍କର ମତ ବିନିମୟ କରିଥିଲେ । ବୈଠକ କାଳରେ ଖାଦ୍ୟ ନିରାପତ୍ତା, ସାମରିକ ସହଯୋଗ ଏବଂ ସନ୍ତ୍ରାସବାଦ ବିରୋଧରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଭାରତ ଏବଂ ଅଷ୍ଟ୍ରିଆ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ବିଶ୍ୱସନୀୟ ଭାଗିଦାରୀତା ରହିଛି । ଶ୍ରୀ ମୋଦୀ' ଶ୍ରୀ ଷ୍ଟୋକରଙ୍କ ଦୂରଦୃଷ୍ଟି ଏବଂ ଭାରତ-ଅଷ୍ଟ୍ରିଆ ସମ୍ପର୍କର ଭାଗିଦାରିତାକୁ ପ୍ରଶଂସା କରିଛନ୍ତି । ତାଙ୍କର ଗସ୍ତ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଏବଂ ପୁଞ୍ଜିନିବେଶ କାରବାରକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM - Trade)**

**V/O (PM - West Asia)**

ପୂର୍ବରୁ ଶ୍ରୀ ଷ୍ଟୋକର ଏବଂ ତାଙ୍କ ସହଧର୍ମିଣୀ ଗେରଡା ଷ୍ଟୋକର ଲିଜେନଷ୍ଟିନ୍ ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ହେଉଛି ଅଷ୍ଟ୍ରିଆ ଚାନ୍ସଲର ଡକ୍ଟର ଖ୍ରୀଷ୍ଟିଆନ ଷ୍ଟୋକରଙ୍କ ଭାରତକୁ ପ୍ରଥମ ଗସ୍ତ ଏବଂ ଏସିଆକୁ ତାଙ୍କର ପ୍ରଥମ ସରକାରୀ ଗସ୍ତ । ୨୦୨୪ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ

ମୋଦୀଙ୍କର ସଫଳ ଅଷ୍ଟ୍ରିଆ ଗସ୍ତ ପରେ ବର୍ତ୍ତମାନ ଚାନ୍ସଲର ଷ୍ଟକରଙ୍କର ଏହି ଗସ୍ତ ଦ୍ୱାରା ଉଭୟ ଦେଶ ମଧ୍ୟରେ ଆପୋଷ ସ୍ୱାର୍ଥଜଡିତ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ ହୋଇପାରିବ ବୋଲି ଆଶା କରାଯାଉଛି ।

## ଆର୍‌ଏସ୍‌-ଓଥ୍‌

ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନ ଆଜି ଗୃହରେ ନୂତନ ନିର୍ବାଚିତ ସଦସ୍ୟମାନଙ୍କୁ ଶପଥପାଠ କରାଇଛନ୍ତି । ଶପଥ ଗ୍ରହଣ କରିଥିବା ସଦସ୍ୟମାନଙ୍କ ମଧ୍ୟରେ ବିଜେପିର ନୀତିନ ନବୀନ, ତେରାଶ ଗୋୱାଲା, ଯୋଗେନ ମୋହନ, ଶିଭେଶ କୁମାର, ବିନୋଦ ଶ୍ରୀଧର ତାୱଡେ, ସୁଜିତ କୁମାର, ଲକ୍ଷ୍ମୀ ବର୍ମା, ସଞ୍ଜୟ ଭାଟିଆ । ଅନ୍ୟମାନଙ୍କ ମଧ୍ୟରେ ଜେଡିୟୁର ରାମନାଥ ଠାକୁର, ରାଷ୍ଟ୍ରୀୟ ଲୋକମୋର୍ଚ୍ଚାର ଉପେନ୍ଦ୍ର କୁଶୱାହା, କଂଗ୍ରେସର ଅଭିଷେକ ମନୁ ସିଂହଭି, ଫୁଲୋଦେବୀ ନେତାମ, କରମବୀର ସିଂହ ବୌଦ୍ଧ, ଅନୁରାଗ ଶର୍ମା, ଭେମ୍ ନରେନ୍ଦ୍ର ରେଡ୍ଡୀ ଏବଂ ୟୁପିପି(ଏଲ୍)ର ପ୍ରମୋଦ ବୋରୋ ଅଛନ୍ତି । ଗୃହରେ ଆଜି ପରଲୋକଗତ ମୋସିନା କିଦୱାଇ ଏବଂ ପ୍ରଖ୍ୟାତ ପ୍ରଛଦପଟ ଗାୟିକା ଆଶା ଭୋସ୍‌ଲେଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ପରେ ଗୃହକୁ ଆଜି ଦିନକପାଇଁ ମୁଲତବୀ ଘୋଷଣା କରାଯାଇଥିଲା ।

## ଆନ୍ଧ୍ରପ୍ରଦେଶ ଦୁର୍ଘଟଣା

ଆନ୍ଧ୍ରପ୍ରଦେଶର କୁର୍ଣ୍ଣୁଲ ଜିଲ୍ଲାରେ ଆଜି ଭୋର୍ ସମୟରେ ଏକ ସଡ଼କ ଦୁର୍ଘଟଣାରେ ୮ ଜଣଙ୍କର ମୃତ୍ୟୁ ଘଟିଛି ଏବଂ ୧୦ଜଣ ଆହତ ହୋଇଛନ୍ତି । କର୍ଣ୍ଣାଟକର ଶ୍ରଦ୍ଧାଳୁମାନଙ୍କୁ ନେଇ ଯାଉଥିବା ଏକ ଟେମ୍ପୋ ଚିଲାକାଲାଡୋନା ନିକଟରେ ଏକ ଗାଡ଼ି ସହିତ ଧକ୍କା ହୋଇଥିଲା । ଏହି

ଶ୍ରଦ୍ଧାଳୁମାନେ ଦର୍ଶନ ନିମନ୍ତେ ମାନ୍ତ୍ରାଲାୟମ ଯାଉଥିଲେ । ଘଟଣାସ୍ଥଳରେ ୮ଜଣଙ୍କର ମୃତ୍ୟୁ ଘଟିବା ସହ ଅନ୍ୟ ୧୦ଜଣ ଆହତ ହୋଇଛନ୍ତି। ଆହତମାନଙ୍କୁ ଚିକିତ୍ସା ନିମନ୍ତେ କୁର୍ଣ୍ଣୁଲ ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ଲାଗି ଶୋକପ୍ରକାଶ କରିବା ସହ ପରିବାର ଲୋକଙ୍କ ପାଇଁ ସମବେଦନା ଜ୍ଞାପନ କରିଛନ୍ତି । ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାରେ ଦୁଃଖପ୍ରକାଶ କରିବା ସହ ମୃତକଙ୍କ ପରିବାର ଲାଗି ପ୍ରଧାନମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତମାନଙ୍କ ପାଇଁ ୫୦ହଜାର ଟଙ୍କା ଲେଖାଁ ସହାୟତା ରାଶି ଘୋଷଣା କରିଛନ୍ତି । ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରବାବୁ ନାଇଡୁ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ପାଇଁ ଗଭୀର ଦୁଃଖପ୍ରକାଶ କରିଛନ୍ତି । ଏବଂ ପରିସ୍ଥିତିର ସମୀକ୍ଷା କରିବା ସହ ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେବା ଲାଗି ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍-ଅଷ୍ଟ୍ରିଆ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଅଷ୍ଟ୍ରିଆର ଚାନ୍ସଲର ଡକ୍ଟର ଖ୍ରୀଷ୍ଟିଆନ ଷ୍ଟୋକରଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ଉଭୟ ନେତା ଦ୍ୱିପାକ୍ଷିକ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗ ଉପରେ ସେମାନଙ୍କର ମତ ବିନିମୟ କରିଥିଲେ । ବୈଠକ କାଳରେ ଖାଦ୍ୟ ନିରାପତ୍ତା, ସାମରିକ ସହଯୋଗ ଏବଂ

ସନ୍ତ୍ରାସବାଦ ବିରୋଧରେ ମିଳିତ କାର୍ଯ୍ୟକାରୀ ଗୋଷ୍ଠୀ ଗଠନ ସମ୍ପର୍କିତ ପ୍ରସଙ୍ଗ ଉପରେ ଆଲୋଚନା ହୋଇଥିଲା । ପ୍ରଧାନମନ୍ତ୍ରୀ ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି ଭାରତ ଏବଂ ଅଷ୍ଟ୍ରିଆ ମଧ୍ୟରେ ପ୍ରଯୁକ୍ତିବିଦ୍ୟା, ନବସୃଜନ ଏବଂ ଦୀର୍ଘସ୍ଥାୟୀ ବିକାଶ କ୍ଷେତ୍ରରେ ବିଶ୍ୱସନୀୟ ଭାଗିଦାରୀତା ରହିଛି । ଶ୍ରୀ ମୋଦୀ' ଶ୍ରୀ ଷ୍ଟୋକରଙ୍କ ଦୂରଦୃଷ୍ଟି ଏବଂ ଭାରତ-ଅଷ୍ଟ୍ରିଆ ସମ୍ପର୍କର ଭାଗିଦାରିତାକୁ ପ୍ରଶଂସା କରିଛନ୍ତି । ତାଙ୍କର ଗସ୍ତ ଦୁଇଦେଶ ମଧ୍ୟରେ ବାଣିଜ୍ୟ ଏବଂ ପୁଞ୍ଜିନିବେଶ କାରବାରକୁ ତ୍ୱରାନ୍ୱିତ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି ।

**V/O (PM - Trade)**

**V/O (PM - West Asia)**

ପୂର୍ବରୁ ଶ୍ରୀ ଷ୍ଟୋକର ଏବଂ ତାଙ୍କ ସହଧର୍ମିଣୀ ଗେରଡା ଷ୍ଟୋକର ଲିଜେନଷ୍ଟିନ୍ ରାଜଘାଟଠାରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ଏହା ହେଉଛି ଅଷ୍ଟ୍ରିଆ ଚାନ୍ସଲର ଡକ୍ଟର ଖ୍ରୀଷ୍ଟିଆନ ଷ୍ଟୋକରଙ୍କ ଭାରତକୁ ପ୍ରଥମ ଗସ୍ତ ଏବଂ ଏସିଆକୁ ତାଙ୍କର ପ୍ରଥମ ସରକାରୀ ଗସ୍ତ । ୨୦୨୪ ଜୁଲାଇ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ସଫଳ ଅଷ୍ଟ୍ରିଆ ଗସ୍ତ ପରେ ବର୍ତ୍ତମାନ ଚାନ୍ସଲର ଷ୍ଟକରଙ୍କର ଏହି ଗସ୍ତ ଦ୍ୱାରା ଉଭୟ ଦେଶ ମଧ୍ୟରେ ଆପୋଷ ସ୍ୱାର୍ଥଜଡିତ ଭାଗିଦାରୀକୁ ଅଧିକ ସମ୍ପ୍ରସାରିତ ହୋଇପାରିବ ବୋଲି ଆଶା କରାଯାଉଛି ।

# ଡବ୍ଲ୍ୟୁବି କ୍ୟାମ୍ପେନ

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲାଗି ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ବିଜେପି ନେତା ତଥା ଆସାମ ମୁଖ୍ୟମନ୍ତ୍ରୀ ହେମନ୍ତ ବିଶ୍ୱଶର୍ମା

ଆଜି ଦଳୀୟ ପ୍ରାର୍ଥୀଙ୍କ ଲାଗି ନିର୍ବାଚନ ପ୍ରଚାର କରୁଛନ୍ତି । ସେ କୁଚବିହାର ଏବଂ ଜଲପାଇଗୁଡ଼ିରେ ଆୟୋଜିତ ର୍ୟାଲିରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି । କୁଚବିହାରର ଶିତଲକୁଚିଠାରେ ନିର୍ବାଚନ ପ୍ରଚାର କାର୍ଯ୍ୟରେ କେନ୍ଦ୍ର ଶିକ୍ଷା ରାଷ୍ଟ୍ରମନ୍ତ୍ରୀ ସୁକାନ୍ତ ମଜୁମଦାର ଯୋଗଦେବେ । ସେହିପରି ତୃଣମୂଳ କଂଗ୍ରେସ ମୁଖ୍ୟ ମମତା ବାନାର୍ଜୀ ଉତ୍ତର ବଙ୍ଗଳାର ମଠଭାଙ୍ଗା, ଦୀନହାଟ ଏବଂ ଅଲ୍ଲୀପୁରଦୌରଠାରେ ଦଳୀୟ ପ୍ରାର୍ଥୀଙ୍କ ଲାଗି ନିର୍ବାଚନ ପ୍ରଚାର କରିବେ । କଂଗ୍ରେସ, ବାମପନ୍ଥୀ ସାମ୍ମୁଖ୍ୟ ଏବଂ ଅନ୍ୟାନ୍ୟ ଦଳପକ୍ଷରୁ ମଧ୍ୟ ପ୍ରଚାର କାର୍ଯ୍ୟ ଜୋର୍‌ସୋର୍‌ରେ ଚାଲିଛି । ପଶ୍ଚିମବଙ୍ଗରେ ଆସନ୍ତା ୨୩ ତାରିଖରେ ପ୍ରଥମ ପର୍ଯ୍ୟାୟ ଏବଂ ୨୯ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଭୋଟ୍‌ଗ୍ରହଣ ହେବ ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟରେ ଆଜି ମୁମ୍ବାଇ ଇଣ୍ଡିଆନ୍ସ ଓ ପଞ୍ଜାବ କିଙ୍ଗ୍‌ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ । ମୁମ୍ବାଇର ଓ୍ୱାଙ୍ଖେଡେ ଷ୍ଟାଡିୟମଠାରେ ସଂଧ୍ୟା ୭ଟା ୩୦ ମିନିଟ୍‌ରେ ଏହି ମ୍ୟାଚ୍ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ' ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସକୁ ୫ ଓ୍ୱିକେଟ୍‌ରେ ପରାସ୍ତ କରିଛି । ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପ୍ରଥମେ ବ୍ୟାଟିଂ କରି ୧୪୬ ରନ୍‌ରେ ଅଲ୍ ଆଉଟ୍ ହୋଇଯାଇଥିଲା । ୧୪୭ ରନ୍ ବିଜୟଲକ୍ଷ୍ୟର ପିଛା କରି ରୟାଲ ଚାଲେଞ୍ଜର୍ସ ୧୫ ଓଭର ଓ ଗୋଟିଏ ବଲ୍‌ରେ ୫ଓ୍ୱିକେଟ୍ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିଥିଲା ।